ସମାଜ
୪ ମେ ୨୦୧୫ • ୧୧

# 'ପିକକ୍' ପକ୍ଷରୁ ଶିଶୁଶ୍ରମ ବିରୋଧୀ ଦିବସ

ଭୁବନେଶ୍ୱର, ୩।୫(ନି.ପ୍ର)-ଜାତୀୟ ଶିଶୁଶ୍ରମ ବିରୋଧୀ ଦିବସ ପରିପ୍ରେକ୍ଷୀରେ ଗୁରୁବାର ପିପୁଲସ୍ କଲ୍‌ଚରାଲ ସେଣ୍ଟର (ପିକକ୍) ଓ ରୋଟାରୀ କ୍ଲବ୍ ଅଫ୍ ହେରିଟେଜ୍ ଭୁବନେଶ୍ୱର ପକ୍ଷରୁ ସଚେତନତା ସୃଷ୍ଟି କରିବା ପାଇଁ କାରଗିଲ ବସ୍ତିରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ପିଲା ଓ ଅଭିଭାବକମାନେ ଯୋଗ ଦେଇଥିଲେ। ପିକକ୍ ପକ୍ଷରୁ ପିଲାମାନଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା। ପିକକ୍‌ର ସଂପାଦକ ରଂଜନ ମହାନ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସମସ୍ତ ପିଲା ବିଦ୍ୟାଳୟକୁ ଯିବା ଉପରେ ଗୁରୁତ୍ୱାରୋପ କରିବା ସହ ଅଭିଭାବକମାନେ ଶିକ୍ଷା ଅଧିକାର ଆଇନର ସୁଯୋଗ ନେବା ତଥା ଶିଶୁ ଶ୍ରମିକ ଭଳି ଘୃଣ୍ୟ ପ୍ରଥାକୁ ସମାଜରୁ ବିଲୋପ କରିବା ପାଇଁ ମତ ରଖିଥିଲେ। କାରଗିଲ ବସ୍ତି ଉନ୍ନୟନ ମହାସଂଘର ସଭାପତି ରବିନାରାୟଣ ଦାସ ଏହି କାର୍ଯ୍ୟକ୍ରମକୁ ସ୍ୱାଗତ କରି ବସ୍ତିକୁ ଶିଶୁ ଶ୍ରମିକ ମୁକ୍ତ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ପିକକ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ସରକାରଙ୍କର ଶିଶୁ ଶ୍ରମିକ ପ୍ରଥାକୁ ବନ୍ଦ କରିବା ପାଇଁ ବିଭିନ୍ନ ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପିକକ୍‌ର ଜ୍ୟୋତି ମହାପାତ୍ର, ଜ୍ୟୋତି ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# 'ପିକକ୍' ପକ୍ଷରୁ କାରଗିଲ୍ ବସ୍ତିରେ ଶିଶୁଶ୍ରମ ବିରୋଧୀ ଦିବସ ପାଳନ

ଭୁବନେଶ୍ୱର (ସ.ବ୍ୟୁ.) : ଶ୍ରମ ନୁହେଁ, ପ୍ରତ୍ୟେକଟି ଶିଶୁର ଶିକ୍ଷା ପାଇବାର ଯଥେଷ୍ଟ ଆବଶ୍ୟକତା ରହିଛି । ଭାରତର ସମ୍ବିଧାନ ଅନୁଯାୟୀ ପ୍ରତ୍ୟେକଟି ଶିଶୁ ପାଇଁ ଶିକ୍ଷା ଏକ ମୌଳିକ ଅଧିକାର । ଶିଶୁ ଶ୍ରମ ନିରାକରଣ ପାଇଁ ଓ ଶିକ୍ଷା ଅଧିକାର ସୁନିଶ୍ଚିତ କରିବା ପାଇଁ ଆଇନ ଥିଲେ ବି ଅନେକ ଶିଶୁ, ଶ୍ରମିକ ଭାବରେ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତ ହୋଇ ନିର୍ଯାତନାର ଶିକାର ହେଉଛନ୍ତି । କୌଣସି ଶିଶୁକୁ ଶ୍ରମରେ ନିଯୁକ୍ତ ନ କରି ତା'ର ପଢ଼ିବାର ଓ ଖେଳିବାର ଅଧିକାରକୁ ସୁନିଶ୍ଚିତ କରିବା ସହ ପ୍ରତ୍ୟେକ ଶିଶୁ କିପରି ତା'ର ଶୈଶବକୁ ଉପଭୋଗ କରିପାରିବ ସେଥିପାଇଁ ଏକ ସୁସ୍ଥ ବାତାବରଣ ଗଢ଼ି ତୋଳିବାର ମଧ୍ୟ ଯଥେଷ୍ଟ ଆବଶ୍ୟକତା ରହିଛି ।

ଜାତୀୟ ଶିଶୁ ଶ୍ରମ ବିରୋଧୀ ଦିବସ ପରିପ୍ରେକ୍ଷୀରେ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିପୁଲସ୍ କଲଟରାଲ ସେଣ୍ଟର (ପିକକ) ଓ ରୋଟାରୀ କ୍ଲବ ଅଫ୍ ହେରିଟେଜ୍ ଭୁବନେଶ୍ୱର ପକ୍ଷରୁ ସଚେତନତା ସୃଷ୍ଟି କରିବା ପାଇଁ କାରଗିଲ ବସ୍ତି ଠାରେ ଏକ ସଭାର ଆୟୋଜନ କରାଯାଇ ଥିଲା । ଏଥିରେ ପିଲା ଓ ଅଭିଭାବକମାନେ ଯୋଗଦାନ କରିଥିଲେ । ପିକକ ପକ୍ଷରୁ ପିଲାମାନଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା । ପିକକର ସଂପାଦକ ରଂଜନ ମହାନ୍ତି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସମସ୍ତ ପିଲା ବିଦ୍ୟାଳୟକୁ ଯିବା ଉପରେ ଗୁରୁତ୍ୱାରୋପ କରିବା ସହ ଅଭିଭାବକମାନେ ଶିକ୍ଷା ଅଧିକାର ଆଇନର ସୁଯୋଗ ନେବା ତଥା ଶିଶୁ ଶ୍ରମିକ ଭଳି ଘୃଣ୍ୟ ପ୍ରଥାକୁ ସମାଜରୁ ବିଲୋପ କରିବା ପାଇଁ ମତ ରଖିଥିଲେ । କାରଗିଲ ବସ୍ତି ଉନ୍ନୟନ ମହାସଂଘର ସଭାପତି ରବି ନାରାୟଣ ଦାସ ବସ୍ତିକୁ ଶିଶୁ ଶ୍ରମିକ ମୁକ୍ତ କରିବା ପାଇଁ ମତ ଦେଇଥିଲେ । ପିକକର କାର୍ଯ୍ୟକାରୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଯୋଗଦେଇ ସରକାରଙ୍କର ଶିଶୁ ଶ୍ରମିକ ପ୍ରଥାକୁ ବନ୍ଦ କରିବା ପାଇଁ ବିଭିନ୍ନ ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ପିକକର ଜ୍ୟୋତି ମହାପାତ୍ର, ଜ୍ୟୋତି ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ପ୍ରଗତିବାଦୀ
● ରବିବାର
● ମେ ୩, ୨୦୧୫

# କାରଗିଲ୍ ବସ୍ତିରେ ଶିଶୁଶ୍ରମ ବିରୋଧୀ ଦିବସ

**ଭୁବନେଶ୍ୱର, ତା୨।୫(ପିଏନଏସ):** ଶ୍ରମ ନୁହେଁ, ପ୍ରତ୍ୟେକଟି ଶିଶୁର ଶିକ୍ଷା ପାଇବାର ଯଥେଷ୍ଟ ଆବଶ୍ୟକତା ରହିଛି। ଭାରତର ସମ୍ବିଧାନ ଅନୁଯାୟୀ ପ୍ରତ୍ୟେକଟି ଶିଶୁପାଇଁ ଶିକ୍ଷାଏକ ମୌଳିକ ଅଧିକାର। ଶିଶୁଶ୍ରମ ନିରାକରଣ ପାଇଁ ଓ ଶିକ୍ଷା ଅଧିକାର ସୁନିଶ୍ଚିତ କରିବା ପାଇଁ ଆଇନ ଥିଲେ ବି ଅନେକ ଶିଶୁ, ଶ୍ରମିକ ଭାବରେ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତ ହୋଇ ନିର୍ଯ୍ୟାତନାର ଶିକାର ହେଉଛନ୍ତି। କୌଣସି ଶିଶୁକୁ ଶ୍ରମରେ ନିଯୁକ୍ତ ନ କରି ତାର ପଢିବାର ଓ ଖେଳିବାର ଅଧିକାରକୁ ସୁନିଶ୍ଚିତ କରିବା ସହ ପ୍ରତ୍ୟେକ ଶିଶୁ କିପରି ତାର ଶୈଶବକୁ ଉପଭୋଗ କରିପାରିବ ସେଥିପାଇଁ ଏକ ସୁସ୍ଥ ବାତାବରଣ ଗଢିତୋଳିବାର ମଧ ଯଥେଷ୍ଟ ଆବଶ୍ୟକତା ରହିଛି।

ଆଜି ଜାତୀୟ ଶିଶୁଶ୍ରମ ବିରୋଧୀ ଦିବସ ପରିପ୍ରେକ୍ଷିରେ ପିକକ୍ ଓ ରୋଟାରୀ କ୍ଲବ୍ ଅଫ୍ ହେରିଟେଜ୍ ଭୁବନେଶ୍ୱର ପକ୍ଷରୁ ସଚେତନତା ସୃଷ୍ଟି କରିବା ପାଇଁ କାରଗିଲ ବସ୍ତି ଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ପିଲା ଓ ଅଭିଭାବକ ମାନେ ଯୋଗଦାନ କରିଥିଲେ। ପିକକ୍ ପକ୍ଷରୁ ପିଲାମାନଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା। ପିକକ୍ ର ସଂପାଦକ ରଂଜନ ମହାନ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସମସ୍ତ ପିଲା ବିଦ୍ୟାଳୟକୁ ଯିବା ଉପରେ ଗୁରୁତ୍ୱାରୋପ କରିବା ସହ ଅଭିଭାବକ ମାନେ ଶିକ୍ଷା ଅଧିକାର ଆଇନର ସୁଯୋଗ ନେବା ତଥା ଶିଶୁ ଶ୍ରମିକ ଭଳି ଘୃଣ୍ୟ ପ୍ରଥାକୁ ସମାଜରୁ ବିଲୋପ କରିବା ପାଇଁ ମତ ରଖିଥିଲେ। କାରଗିଲ ବସ୍ତି ଉନ୍ନୟନ ମହାସଂଘର ସଭାପତି ରବିନାରାୟଣ ଦାସ, ଅନୁରାଧା ମହାନ୍ତି ଯୋଗଦେଇ ସରକାରଙ୍କର ଶିଶୁ ଶ୍ରମିକ ପ୍ରଥାକୁ ବନ୍ଦ କରିବା ପାଇଁ ବିଭିନ୍ନ ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ।